ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୧ ଜାନୁୟାରୀ, ୨୦୨୩

## ସ୍ତ୍ରୀଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ଗ୍ରାମର ରାଧା ପରଗଣିଆଙ୍କୁ ତାଙ୍କ ସ୍ୱାମୀ ସୁଧାକର ପରଗଣିଆ ମାଡ଼ ମାରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ.୯/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ରାଧାଙ୍କ ଶାଶୁ ତୀର୍ଥ କରିବାକୁ ବାହାରିଥିବା ବେଳେ ରାଧା ପଡ଼ୋଶୀଙ୍କ ଠାରୁ ୧୩ଶହ ଟଙ୍କା ଧାର ଆଣିଥିଲେ। ଏହା ସୁଧାକର ଜାଣିବା ପରେ ରାଧାଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।



## ସଂକ୍ଷେପରେ

### ସମ୍ପତ୍ତିକୁ ନେଇ ଗଣ୍ଡଗୋଳ

**ଅନୁଗୋଳ ଅଫିସ, ୧୦।୧:** ଅନୁଗୋଳ ଥାନା ଶଙ୍କର ସିନେମା ରୋଡ୍ ଅଞ୍ଚଳରେ ପୈତୃକ ସମ୍ପତ୍ତିକୁ ନେଇ ପାରିବାରିକ ଗଣ୍ଡଗୋଳ ଘଟିଛି। ମନୋଜ ଗୁପ୍ତାଙ୍କ ସ୍ତ୍ରୀ ମୋନିକା ଗୁପ୍ତା ଏ ନେଇ ଥାନାରେ ଅଭିଯୋଗ କରିବା ପରେ ନଂ. ୨୯/୨୩ରେ ମାମଲା ରୁଜୁ କରି ଏସ୍ଆଇ ସୁଶାନ୍ତ କୁମାର ନାଥ ୨ ଅଭିଯୁକ୍ତ ପ୍ରକାଶ ଗୁପ୍ତା ଓ ବିକାଶ ଗୁପ୍ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପୋଲିସ କହିଛି, ମନୋଜ, ପ୍ରକାଶ ଓ ବିକାଶଙ୍କ ମଧ୍ୟରେ ପୈତୃକ ସମ୍ପତ୍ତିକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ସୋମବାର ଏ ନେଇ ଥାନାରେ ପ୍ରକାଶ ଓ ବିକାଶ ଲିଖିତ ଅଭିଯୋଗ କରିଥିଲେ ହେଁ ବୁଝାମଣା ହୋଇଯାଇଥିଲା। କିନ୍ତୁ ମଙ୍ଗଳବାର ସକାଳେ ମନୋଜଙ୍କୁ ଦୁଇ ଭାଇ ଆକ୍ରମଣ କରିବା ସହ ତାଙ୍କୁ ଅସଦାଚରଣ କରିଥିବା ମୋନିକା ଅଭିଯୋଗ କରିଥିଲେ। ଅପରପକ୍ଷରେ ପ୍ରକାଶ ଓ ବିକାଶ କରିଥିବା ଅଭିଯୋଗ ନେଇ ପୋଲିସ ନଂ. ୨୭/୨୩ ଓ ୨୫/୨୩ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

### ଶୋଷଣ ବିରୋଧରେ ଲଢ଼େଇ ଆହ୍ୱାନ

**ଅନୁଗୋଳ ଅଫିସ, ୧୦।୧:** ବିପ୍ଲବୀ ଯୁବ ସଙ୍ଗଠନ ଏଆଇଡିୱାଇଓର ଏକ କାର୍ଯ୍ୟକ୍ରମ ବଅଁରପାଳ ବ୍ଲକ ଖୁମ୍ବେଶ୍ୱରୀ ଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ରାଜ୍ୟ ସଭାପତି ମାନସ ପାଲ ଓ ସମ୍ପାଦକ କେଦାରନାଥ ସାହୁ ଏବଂ ଏସ୍ୟୁସିଆଇ(କମ୍ୟୁନିଷ୍ଟ)ର ଜିଲା ସମ୍ପାଦକ ଭିକାରୀ ପ୍ରଧାନ ଯୋଗଦେଇ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନ ସଂଗ୍ରାମକୁ ଯୁବପିଢ଼ିଙ୍କ ସାମ୍ନାରେ ତୋଳି ଧରିବା ସହ ସମାଜରେ ଶୋଷଣ, ଅତ୍ୟାଚାର ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ ଦେଇଥିଲେ। ସଙ୍ଗଠନର ଜିଲା ଉପସଭାପତି କିଶୋର ବିଶ୍ୱାଳଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ନିରଞ୍ଜନ ନାୟକଙ୍କ ସମେତ ଜ୍ୟୋତ୍ସ୍ନା ସାମଲ, ଭରତ ନାଏକ, ଉଲ୍ଲାସ ମୁଦୁଲି, ଅମୂଲ୍ୟ ସାହୁ, ସତ୍ୟରଞ୍ଜନ ସାହୁ, ଅନିଲ ନାଏକ, ପ୍ରଭାତ ପ୍ରଧାନ, ଆଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**କଣିହାଁ, ୧୦।୧ (ଡି.ଏନ.ଏ.):** ଜଣେ ବିବାହିତା ମହିଳାଙ୍କୁ ନେଇ ଫେରାର ହୋଇଯିବା ସହ ଭୁବନେଶ୍ୱରରେ ପ୍ରାୟ ୪ ମାସ ରଖି ମାଡ଼ ମାରି ପଳାଇ ଆସିଥିବା ଅନୁଗୋଳ ଜିଲା ରେଙ୍ଗାଳି ଥାନା ଅଞ୍ଚଳର ସୁକାନ୍ତ ସାହୁଙ୍କୁ ସୋମବାର ପୋଲିସ ଗିରଫ କରିଛି। ଗତ ନଭେମ୍ବର ୩ରେ ପୀଡିତା ଏ ନେଇ ଥାନାରେ ଏତଲା ଦେବା ପରେ ପୋଲିସ ନଂ. ୧୯୧/୨୨ରେ ଏକ ରୁଜୁ କରିଥିଲା। ହେଲେ ଅଭିଯୁକ୍ତ ସୁକାନ୍ତ ଫେରାର ରହିଥିଲେ। ସୋମବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଙ୍ଗାଳି ପୋଲିସ ସମ୍ବଲପୁର ଜିଲା ଧନୁପାଲି ଅଞ୍ଚଳରୁ ସୁକାନ୍ତଙ୍କୁ ଗିରଫ କରିଥିବା ବେଳେ ମଙ୍ଗଳବାର କୋର୍ଟଚାଲାଣ କରିଥିବା ଆଇଆଇସି ଅନାମ ଲାକ୍ରା ସୂଚନା ଦେଇଛନ୍ତି।

# ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଲା ମଶାଲ

## ଅନୁଗୋଳ ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତି ଜୋର୍‌ଦାର

**ଅନୁଗୋଳ ଅଫିସ/ ଆଠମଲ୍ଲିକ/ ବଇଣ୍ଡା/ ଛେଣ୍ଡିପଦା/ କଣିହାଁ, ୧୦।୧**

ଆସନ୍ତା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ଅନୁଗୋଳ ଜିଲା ମହୋତ୍ସବ। ଜିଲାର ୩୦ବର୍ଷ ପୂର୍ତ୍ତି ଅବସରରେ ଏହି ମହୋତ୍ସବକୁ ଧୁମ୍‌ଧାମରେ ପାଳନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଆୟୋଜନ ଜୋର୍ ଧରିଛି। ମଙ୍ଗଳବାର ଜିଲା ସଂସ୍କୃତି ବିଭାଗ ଓ ଜିଲା ସଂସ୍କୃତି ପରିଷଦର ପୌରୋହିତ୍ୟରେ ମଶାଲ ଶୋଭାଯାତ୍ରା ଜିଲାର ସମସ୍ତ ପ୍ରମୁଖ ଅଞ୍ଚଳ ପରିକ୍ରମା କରିବା ପରେ ଅନୁଗୋଳ ସହର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଠାରେ ପହଞ୍ଚିଛି। ସେଠାରେ ମନ୍ଦିର ପରିଚାଳନା ସମିତି ସଭାପତି ଭବାନୀ ଶଙ୍କର ମିଶ୍ର ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଳିତ ମୋହନ ବେହେରା ମଶାଲକୁ ସ୍ୱାଗତ କରିବା ପରେ ତାହାକୁ ମନ୍ଦିର ଭିତରକୁ ପ୍ରବେଶ କରାଯାଇଥିଲା। ମହୋତ୍ସବ ଦିନ ଏହାକୁ ବାହାର କରାଯାଇ ମହୋତ୍ସବ ସ୍ଥଳରେ ସ୍ଥାପନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଅନୁଗୋଳ ବ୍ଲକର ଟିକରପଡା, ଛେଣ୍ଡିପଦାର ପାତ୍ରପଡା ମା' ବାୟଣୀ ପୀଠ, ଆଠମଲ୍ଲିକର ଦେଉଳଝରି, ପାଲଲହଡାର ଖୁଲୁଡି ପୀଠରୁ ମଶାଲ ଗୁଡିକ ବାହାରି ଶୋଭାଯାତ୍ରାରେ ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଏକାଠି ହୋଇଥିଲା। ସେଠାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହାକୁ ସ୍ୱାଗତ କରିଥିଲେ। ପରେ ସେଠାରୁ ସମସ୍ତ ମଶାଲ ଶୈଳଶ୍ରୀକ୍ଷେତ୍ର ଅଣାଯାଇଥିଲା। ଟିକରପଡାସ୍ଥିତ ଶିବ ମନ୍ଦିର ଠାରୁ ଅନୁଗୋଳ ଉପଜିଲାପାଳ ବୈଦ୍ଯୁରା ଦୀପଙ୍କ ତତ୍ତ୍ୱାବଧାନରେ ମଶାଲ ବାହାରିଥିଲା। ଅନୁଗୋଳ ବନଖଣ୍ଡ ଅଧିକାରୀ, ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ଜିଲାର ସମସ୍ତ ବିଭାଗର ଅଧିକାରୀ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଆଠମଲ୍ଲିକ ଦେଉଳଝରି ଶୈବ ପୀଠରୁ ବାହାରିଥିବା


ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ପହଞ୍ଚିଥିବା ସମସ୍ତ ମଶାଲ।

ମଶାଲ ଶୋଭାଯାତ୍ରାରେ ଉପଜିଲାପାଳ ତରଣୀ ସୁନା, ବିଡିଓ ସୌଭାଗ୍ୟ ବେହେରା, ତହସିଲଦାର ଯଶୋବନ୍ତ ଦେହୁରୀ, ଏସ୍‌ଡିଏମ୍‌ଓ ସୁନୀଲ କୁମାର ପଣ୍ଡା, ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ସହକାରୀ ଜିଲାପାଳ କୁଳମଣି ଦଳେଇ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଏସିଏଫ ଗୌରୀ ଶଙ୍କର ଦାସ, ବିନୟ ପଟ୍ଟନାୟକ, ଏନସିସି କ୍ୟାଡେଟ, ଆଠମଲ୍ଲିକ ପୋଲିସ ଓ ଡ୍ରାଇଭର ମହାସଂଘ ସାମିଲ ହୋଇଥିଲେ। ଆଠମଲ୍ଲିକରୁ ବାହାରିଥିବା ମଶାଲକୁ କିଶୋରନଗର ବ୍ଲକର ଅଙ୍ଗାପଡା, ଘୋଷର, ବ୍ଲକ ପରିସର, ବାମୁର, ନାକ୍ଚି, ହଣ୍ଡପା, ଲୁହାମୁଣ୍ଡା, ବଇଣ୍ଡାଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ବଡିଓ ବିନୋଦ ବିହାରୀ ବେହେରା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ, ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ହଣ୍ଡପା ସରପଞ୍ଚ ରଶ୍ମିତା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଛେଣ୍ଡିପଦା ବ୍ଲକସ୍ଥିତ ପାତ୍ରପଡାର ମା'ବାୟାଣୀ ପୀଠରେ ଅନୁଗୋଳ ଏପିଡି ପଦ୍ମନାଭ ସାମନ୍ତରାୟ ଓ ଭୂଅର୍ଜନ ଅଧିକାରୀ ରତନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯିବା ପରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରାରେ ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ବିଡିଓ ତ୍ରିବିକ୍ରମ କୁମରା, ତହସିଲଦାର ଡାନିଏଲ ଏକ୍କା ପ୍ରମୁଖ ସାମିଲ ହୋଇଥିଲେ। ଶୋଭାଯାତ୍ରାବେଳେ ସ୍ଥାନୀୟ ଅଞ୍ଚଳର କଳାକାରମାନେ କଳାକୃତୀ ପ୍ରଦର୍ଶନ କରିଥିଲେ। ଗ୍ରାମରେ ମହିଳାମାନଙ୍କ ପକ୍ଷରୁ ରାସ୍ତା ପାର୍ଶ୍ୱରେ ଝୋଟି ମୁରୁଜ ସହ ପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା। ଆଠମଲ୍ଲିକ ଦେଉଳଝରୀରୁ ଆସୁଥିବା ମଶାଲକୁ ମଧ୍ୟ ଛେଣ୍ଡିପଦା ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ବ୍ଲକ କଳାବିକାଶ ପରିଷଦ ଉପସଭାପତି ହରମୋହନ ପ୍ରଧାନ, ଜିଲାପରିଷଦ ସଦସ୍ୟା ଭାନୁପ୍ରୀୟା ପ୍ରଧାନ, ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ରଶ୍ମିତା ପ୍ରଧାନ, କ୍ଷୀରୋଦିନୀ ବେହେରା, ଉଦିତ କୁମାର ପ୍ରଧାନ, ପ୍ରିୟଙ୍କା ସାହୁ, ଯଶୋମତୀ ବେହେରା, ସୁଶୀଳା କମୋଲିନୀ ସ୍ୱେରେଙ୍ଗ, ରଞ୍ଜନ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। କଣିହାଁଠାରେ ମଧ୍ୟ ଏହି ମଶାଲ ଶୋଭାଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଅର୍କିଲ, ସମଲ, ସାନତ୍ରିବିଡ଼ା, ବଡ଼ତ୍ରିବିଡ଼ା ଆଦି ଅଞ୍ଚଳ ପରିକ୍ରମା ପରେ ମଶାଲକୁ ତାଳଚେରସ୍ଥିତ ମା' ହିଙ୍ଗୁଳାଙ୍କ ପୀଠକୁ ନିଆଯାଇଥିଲା। କଣିହାଁ ବ୍ଲକ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।


ଆଠମଲ୍ଲିକଠାରେ ମଶାଲ ଶୋଭାଯାତ୍ରା କରାଯାଉଛି।


କିଶୋରନଗର ବ୍ଲକ ଅଞ୍ଚଳରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।


ଛେଣ୍ଡିପଦା ବ୍ଲକ ଅଞ୍ଚଳରେ ମଶାଲ ଶୋଭାଯାତ୍ରାରେ ବିଧାୟକ ଓ ଅନ୍ୟମାନେ।

# ୪ ସାଂସ୍କୃତିକ ଦଳ ମନୋନୀତ


ବ୍ଲକ ଲୋକ କଳା ମହୋତ୍ସବ ପାଇଁ ଶୋଭାଯାତ୍ରା।

**କଣିହାଁ, ୧୦।୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ମହୋତ୍ସବ ପାଇଁ କଣିହାଁ ବ୍ଲକରେ ମଙ୍ଗଳବାର ବ୍ଲକସ୍ତରୀୟ ଲୋକ କଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତହସିଲ ଅଫିସ ଠାରୁ ଶତାଧିକ କଳାକାର ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସ ପରିସରରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଏବିଡିଓ ହିମାଂଶୁ ଶେଖର ନାୟକ ପରିଚାଳନା କରିଥିବା ବେଳେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର, ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ନବଘନ ସାମଲ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁହାସିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ୩୦ ଲୋକ କଳା ଦଳ ଅଂଶଗ୍ରହଣ କରିଥିଲେ। ସେଥିରୁ ୪ଟି ଦଳକୁ ଜିଲା ମହୋତ୍ସବ ପାଇଁ ମନୋନୀତ କରାଯାଇଥିଲା।

# ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ

**ଅନୁଗୋଳ ଅଫିସ, ୧୦।୧**

ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜନ ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଜିଲାର ଦୀର୍ଘ ଦିନର ଦାବି ତାଳଚେର ମେଡିକାଲ କଲେଜକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେଶାଲିଷ୍ଟ ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ଜିଲାର ସମସ୍ତ ଡାକ୍ତରଖାନାରେ ଡାକ୍ତର, ନର୍ସ ଓ କର୍ମଚାରୀ ପଦବୀ ପୂରଣ, ଜିଲାବାସୀଙ୍କୁ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇ ଦେବା, ବିସ୍ଥାପନ ପୂର୍ବରୁ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ, ଥଇଥାନ, ବେକାର ଯୁବତୀ ଓ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଏବଂ ଜିଲାର ପ୍ରସ୍ତାବିତ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଉଛି।

ଜଳସେଚନ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରିବା ସହ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ଦାବି ନେଇ ଏହି ଆନ୍ଦୋଳନ କରାଯାଇଥିଲା। କମିଟି ଆବାହକ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଅନ୍ୟତମ ଆବାହକ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ତ୍ରେତାନନ୍ଦ ସାମନ୍ତ, ବ୍ରଜବନ୍ଧୁ ସାହୁ, ତ୍ରିଲୋଚନ ଜେନା, ତୀର୍ଥବାସୀ ଭୋଇ, ମାନସ ପାଳ, ପର୍ଶୁରାମ ଦାସ, ରମେଶ ସାହୁ, ନିରୋଦ ଚନ୍ଦ୍ର ପାଳ, ଓକିଲ ସଂଘର ପୂର୍ବତନ ସଭାପତି ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ଦୋଳନସ୍ଥଳରୁ ଏକ ୧୧ ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରିବା ସହିତ ଆଲୋଚନା କରିଥିଲେ।

# ଜାତୀୟ ସେବା ଶିବିର ଉଦ୍‌ଘାଟିତ



ଶୀତକାଳୀନ ଶିବିରରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

**ବଇଣ୍ଡା, ୧୦।୧ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ସୋମବାର ଦୀନବନ୍ଧୁପୁର ଗ୍ରାମରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ ଡ. କଲ୍ୟାଣୀ ରୂପା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧ୍ୟାପକ ସରୋଜ କୁମାର ଦାସ, ତରୁଣ କୁମାର ପ୍ରଧାନ, ଗ୍ରାମର ସୁମନ ସାହୁ, ହରେକୃଷ୍ଣ ବେହେରା, ଲମ୍ବୋଦର ବେହେରା, ପଙ୍କଜ ଓଝା ପ୍ରମୁଖ ଯୋଗଦେଇଥିଲେ। ଏହି ଶୀତକାଳୀନ ଶିବିରରେ ୫୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି। ଦୀନବନ୍ଧୁପୁର ଗ୍ରାମକୁ ପୋଷ୍ୟ ଗ୍ରାମ ଭାବରେ ଗ୍ରହଣ କରାଯାଇଥିବା ବେଳେ ଏଠାରେ କିଭଳି ସ୍ୱଚ୍ଛତା ରହିବ ସେ ସମ୍ପର୍କରେ ଛାତ୍ରୀଛାତ୍ରମାନେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ।

# 'ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉ'

**ବଇଣ୍ଡା, ୧୦।୧ (ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳୀ ବଇଣ୍ଡାରେ ଅନେକ ସମସ୍ୟା ରହିଛି। ସେଗୁଡିକ କିଭଳି ସମାଧାନ ହେବ ସେ ନେଇ ଯୁବ ଗୋଷ୍ଠୀ ଓ ଗ୍ରାମବାସୀ ଏକଜୁଟ ହୋଇ ଗୁରୁତ୍ୱ ଦିଅନ୍ତୁ ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ବଇଣ୍ଡା ନୂତନ ରାଧାକୃଷ୍ଣ ମନ୍ଦିର ନିକଟରେ ଅନୁଷ୍ଠିତ ଗ୍ରାମବାସୀଙ୍କ ବୈଠକରେ ଯୋଗଦେଇଥିବା ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ରାଜ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁ, ଘାଷିନାଥ ବେହେରା, ଜଳଧର ସାହୁ, ମାନସ କୁମାର ସାହୁ, ରମେଶ ଟିବ୍ରୁୱାଲା, ନବ କିଶୋର ବେହେରା, ସୁଦାମ ସାହୁ, ରମେଶ ସାହୁ, ଜିତେନ୍ଦ୍ର


ବୈଠକରେ ଅଞ୍ଚଳବାସୀ ଉପସ୍ଥିତ ଅଛନ୍ତି।

ବେହେରା, ରମାକାନ୍ତ ବେହେରା, ଅନ୍ତର୍ଯ୍ୟାମୀ ବେହେରା, ଗିରୀଶ ବେହେରା, ଶ୍ରୀଧର ବେହେରା, ଲଛମନ ଦାସ, ରଣଜିତ ପଟ୍ଟନାୟକଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଏଥିରେ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ରାଜ କୁମାର ଅଗ୍ରୱାଲା, ଉପସଭାପତି ଅରବିନ୍ଦ ସାହୁ, ସମ୍ପାଦକ ଲକ୍ଷ୍ମୀଧର ବେହେରା, ସହ ସମ୍ପାଦକ ପରିକ୍ଷିତ ସାହୁ, ସଞ୍ଜୟ କୁମାର ସାହୁ, କୋଷାଧ୍ୟକ୍ଷ ଭାବରେ ବିନୀତ ସାହାଙ୍କୁ ଚୟନ କରାଯାଇଥିଲା।

# ଜିଲାସ୍ତରୀୟ କୃଷି ମେଳା ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୧୦।୧**

ଅନୁଗୋଳ ଷ୍ଟାଡିୟମ୍‌ଠାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଶନିବାର ପର୍ଯ୍ୟନ୍ତ ଚାଲିବ। ଅନୁଗୋଳ ବିଧାୟକଙ୍କ ସହ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅଗସ୍ତି ବେହେରା, ମୁଖ୍ୟ ଜିଲା କୃଷି ଅଧିକାରୀ ପ୍ରମିଲ୍ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତେବେ କୃଷି ମେଳାରେ ସେପରି ଅଧିକ କୃଷକଙ୍କୁ ଦେଖିବାକୁ ମିଳି ନ ଥିଲା। ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ରାଜନେତାମାନେ ଉପସ୍ଥିତ ଥିବାବେଳେ କୃଷକଙ୍କ ପାଇଁ ପକାଯାଇଥିବା ବହୁ ସଂଖ୍ୟାରେ ଚେୟାର ଖାଲି ରହିଥିଲା।


କୃଷି ଯନ୍ତ୍ରପାତି ମେଳାରେ ଚେୟାର ଖାଲି ପଡ଼ିଛି।

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

**ଆଠମଲ୍ଲିକ, ୧୦।୧ (ଡି.ଏନ.ଏ.)**

ଆଠମଲ୍ଲିକ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନର ଶେଷ ପ୍ରସ୍ତୁତି ବୈଠକ ସୋମବାର ଉପଜିଲାପାଳ ତରଣୀ ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ଏଥିରେ ସରକାରଙ୍କ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବା ସହ ସାମୂହିକ ପରେଡ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ, କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ଆଠମଲ୍ଲିକ ବିଡିଓ ସୌଭାଗ୍ୟ ବେହେରା, କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, ଏନ୍‌ଏସି ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା, ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡା, କିଶୋରନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ସୁଶାନ୍ତ କୁମାର ମଙ୍ଗରାଜ, ସହକାରୀ ବନସଂରକ୍ଷକ ଗୌରୀ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଜିଲାପାଳ କୁଳମଣି ଦଳେଇ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶୃଙ୍ଖଳିତ ହୋଇ ଦାୟିତ୍ୱ ନିର୍ବାହ କରନ୍ତୁ

## ପ୍ରତିଷ୍ଠା ଦିବସରେ ନାଲ୍‌କୋ କର୍ମଚାରୀଙ୍କୁ ପରାମର୍ଶ

**ବଅଁରପାଳ, ୧୦।୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ନାଲ୍‌କୋର ୪୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ନିର୍ବାହୀ ନିର୍ଦ୍ଦେଶକ ଭୀମସେନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର ସ୍ୱାଧୀନ ନିର୍ଦ୍ଦେଶିକା ଡ. ଶତରୂପା ଏବଂ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ନିର୍ଦ୍ଦେଶକ ନିହାର ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ଦେଶର ଅର୍ଥନୀତିରେ ନାଲ୍‌କୋର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏଥିସହିତ ସମସ୍ତେ ଶୃଙ୍ଖଳିତ ହୋଇ ନିଜ ନିଜର ଉତ୍ତର ଦାୟିତ୍ୱ ନିର୍ବାହ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ମାନବ ସମ୍ବଳ ମହାପ୍ରବନ୍ଧକ ମଣିପ୍ରସାଦ ସାମଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଉପ ମହାପ୍ରବନ୍ଧକ ରାଜାରାମ ମିଶ୍ର ସିଏମ୍‌ଡି ଶ୍ରୀଧର ପାତ୍ରଙ୍କ ବାର୍ତ୍ତା ପଠନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ପାଇଁ ବିଭିନ୍ନ ବିଭାଗର ୩୪ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ମେଲଟର ମହାପ୍ରବନ୍ଧକ ଏସ୍.ଏମ୍. ଅଲ୍ଲୀ, ସିପିପି ମହାପ୍ରବନ୍ଧକ ଏସ୍.ଆର୍. ପଟ୍ଟନାୟକ ଉତ୍ପାଦନ ସମ୍ବନ୍ଧୀୟ ବିବରଣୀ ପ୍ରଦାନ କରିଥିଲେ। ସିପିପି ଏବଂ ସ୍ମେଲଟରର ସମସ୍ତ ମହାପ୍ରବନ୍ଧକ, ଅଧିକାରୀ, କର୍ମଚାରୀ, ଅଫିସର, ଆସୋସିଏଶନ କର୍ମକର୍ତ୍ତା, ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶକ୍ତିପ୍ରଦା ରଥ, ମୌସୁମୀ ପ୍ରଧାନ ଉପସ୍ଥାପିକା ଦାୟିତ୍ୱ ତୁଲାଇଥିଲେ। ସ୍ମେଲଟର ଓ ପାୱାର କମ୍ପ୍ଲେକ୍ସ ୱେଲଫେୟାର କମିଟିର ସଦସ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଲଲାଟେନ୍ଦୁ ମହାପାତ୍ର, କିଶୋର ବେହେରା, ଲୋକ ସମ୍ପର୍କ ଅଧିକାରୀ ସମୀର ମାଝି ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

## ସଂକ୍ଷେପରେ

### ସୁଧାଂଶୁ ରାଜ୍ୟ ସଫ୍ଟବଲ୍ ସଂଘ ଉପସଭାପତି

**ଢେଙ୍କାନାଳ ଅଫିସ,୧୦।୧:** କଟକର ବାରବାଟୀ ଷ୍ଟାଡିୟମ୍‌ରେ ଓଡ଼ିଶା ସଫ୍ଟବଲ୍ ଆସୋସିଏଶନର ନୂତନ କର୍ମକର୍ତ୍ତା



ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ସଫ୍ଟବଲ୍ ଆସୋସିଏଶନ୍ ସଭାପତି ତଥା ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ ରାଜ୍ୟ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଜିଲା କୋଷାଧ୍ୟକ୍ଷ ଅଚ୍ୟୁତାନନ୍ଦ ସାହୁ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଢେଙ୍କାନାଳ ସଂଘର ଦୁଇ ସଦସ୍ୟ ରାଜ୍ୟ ସଂଘରେ ସ୍ଥାନ ପାଇବା ଗୌରବର ବିଷୟ ବୋଲି ସମ୍ପାଦକ ଅମିୟ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସଫ୍ଟବଲ୍ କ୍ରୀଡ଼ାକୁ ଅଲିମ୍ପିକ୍ ମାନ୍ୟତା ମିଳିବା ପରେ ଟୋକିଓ ଅଲିମ୍ପିକ୍‌ରେ ଖେଳାଯାଇଥିଲା ।

### ଢେଙ୍କାନାଳ କଲେଜ ପଡ଼ିଆ ପାଇଁ ୫ ଲକ୍ଷ

**ଢେଙ୍କାନାଳ ଅଫିସ, ୧୦।୧:** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆର ଉନ୍ନତୀକରଣ ପାଇଁ କ୍ରାଇସେସ୍ ଗ୍ରୁପ୍ ଫଣ୍ଡରୁ ଏମ୍‌ପି ମହେଶ ସାହୁ ୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଉକ୍ତ ଅର୍ଥରେ ପଡ଼ିଆର ବିକାଶ ସମେତ ଆଲୋକୀକରଣ ମଧ କରାଯିବ ବୋଲି ଅଧକ୍ଷ ରଞ୍ଜିତ ପ୍ରଧାନ ସୂଚନା ଦେଇଛନ୍ତି। କଲେଜ ଆଲୁମ୍‌ନି ଆସୋସିଏଶନ ପକ୍ଷରୁ ଖେଳପଡ଼ିଆର ଉନ୍ନତୀକରଣ ପାଇଁ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆଗାମୀ ଦିନରେ କଲେଜ କ୍ୟାମ୍ପସର ଭିତ୍ତିଭୂମି ଉନ୍ନତି ଲାଗି ଉଦ୍ୟମ କରାଯିବ ବୋଲି ଏମ୍‌ପି କହିଛନ୍ତି।

### ପୁଣି ଧରାପଡ଼ିଲା ନକଲି ମଦ, ୨ ଗିରଫ

**ପରଜଙ୍ଗ, ୧୦।୧(ଡି.ଏନ୍.ଏ.):** ଢେଙ୍କାନାଳ ଜିଲାରେ ନକଲି ମଦ କାରବାର ଉପରେ ଅଙ୍କୁଶ ଲାଗି ପାରୁନାହିଁ। ଭୁବନ ପରେ ପରଜଙ୍ଗରୁ



ଏଭଳି ବେଆଇନ ନିଶା କାରବାରର ଚେର ଠାବ କରିଛି ଅବକାରୀ ବିଭାଗ। ଏହି ଘଟଣାରେ ୨ଜଣ ଗିରଫ ହୋଇଥିବାବେଳେ ୧୦୦ ବୋତଲ ନକଲି ମଦ ଜବତ କରାଯାଇଛି। ପରଜଙ୍ଗ ବ୍ଲକ ସରାଙ୍ଗ ଛକ ଦେଇ ବାଇକ୍‌ରେ ନକଲି ବିଦେଶୀ ମଦ ଚାଲାଣ କରାଯାଉଥିବା ଗୋଇନ୍ଦା ସୂଚନା ମିଳିବା ପରେ ଅବକାରୀ ବିଭାଗର ଏକ ଟିମ୍ ଚଢ଼ାଉ କରିଥିଲା। ଏହି ଘଟଣାରେ ତାଳଚେର କଙ୍କିଳି ଗ୍ରାମର ସୁବ୍ରତ ନାୟକ ଏବଂ ତାଳଚେର ବାଇପାସ୍ ଅଞ୍ଚଳର ଦୀପୁନ୍ ନାୟକଙ୍କୁ ଗିରଫ କରାଯାଇଛି। ତେବେ ମଦ କେଉଁଠାରେ ପ୍ରସ୍ତୁତ କରାଯାଉଥିଲା, ଏଥିରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ଅବକାରୀ ବିଭାଗ ତନାଘନା ଜାରି ରଖିଛି।

# ‘ସାଧାରଣ ଜନତାଙ୍କ ସେବା ପାଇଁ ପ୍ରତିଶ୍ରୁତିବଦ୍ଧ’





ବୈଠକରେ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

**ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ପ୍ରତିଷ୍ଠା ଦିବସ**

**ଢେଙ୍କାନାଳ ଅଫିସ, ୧୦।୧**

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପକ୍ଷରୁ ମିନି ଷ୍ଟାଡିୟମ୍ ପରିସରରେ ମଙ୍ଗଳବାର ବିଜେଡିର ୨୫ବର୍ଷ ପୂର୍ତ୍ତି ଅବସରରେ ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନ ୧୦ଟାରେ ବାଜିଚୌକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ମିନି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। କାର୍ଯ୍ୟକ୍ରମକୁ ଉଦଘାଟନ କରି ଜିଲା ପର୍ଯ୍ୟବେକ୍ଷକ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଲେ, ଡିସେମ୍ବର ୨୬ରେ ପୁରୀରେ ଅନୁଷ୍ଠିତ ବିଜେଡି ପ୍ରତିଷ୍ଠା ଦିବସରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ପ୍ରତି ନିର୍ବାଚନମଣ୍ଡଳୀରେ ଏହାକୁ ପାଳନ କରିବା ପାଇଁ କହିଥିଲେ। ୨୦୦୦ରୁ ଓଡ଼ିଶାବାସୀଙ୍କ ପାଇଁ ସମସ୍ତ ପ୍ରକାର ଆବଶ୍ୟକ ସେବା ବିଜେଡି ଦେଇଆସୁଛି। ୫-ଟି ମାଧ୍ୟମରେ ବିଦ୍ୟାଳୟ ରୂପାନ୍ତରୀକରଣ, ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ କମ୍ପ୍ୟୁଟର ଶିକ୍ଷା, ମହିଳାଙ୍କୁ ଶାସନରେ ୫୦% ଭାଗୀଦାର କରିବା ଏବଂ ମିଶନ ଶକ୍ତି ମାଧ୍ୟମରେ ମହିଳା ସଶକ୍ତ କରିବା ଭଳି ବହୁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମା’ ମାନେ ସମ୍ମାନର ସହ ବଞ୍ଚିବା ମୁଖ୍ୟମନ୍ତ୍ରୀଙ୍କ ଏକମାତ୍ର ଲକ୍ଷ୍ୟ ବୋଲି ପ୍ରମିଳା କହିଛନ୍ତି। ଭାଜପାକୁ ଟାର୍ଗେଟ କରି ସେ କହିଲେ, ଢେଙ୍କାନାଳ ଜିଲାରେ କେତେଜଣ ନେତା ଅଛନ୍ତି ସବୁବେଳେ କୁହନ୍ତି ଅଚ୍ଛେଦିନ୍ ଆୟେଗା। ଗ୍ୟାସ୍, ଟେଲିଫୋନ୍ ବ୍ୟବସାୟୀ ଯେତେବେଳେ ଲାଭବାନ ହେଲେ ତାହା ଥିଲା ସେମାନଙ୍କ ଅଚ୍ଛେଦିନ୍। ଖଟିଖିଆ ଓ ଗରିବ ଲୋକଙ୍କ ପାଇଁ ଅଚ୍ଛେଦିନ୍ ଆସିଲାନାହିଁ। ପେଟ୍ରୋଲ, ଗ୍ୟାସ୍ ଦରବୃଦ୍ଧି ସାଧାରଣ ଜନତାଙ୍କୁ ହନ୍ତସନ୍ତ କରିଛି। ହେଲେ ସାଧାରଣ ଜନତାଙ୍କ ସେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଜେଡି ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ କହିଥିଲେ।

ଏମ୍‌ପି ମହେଶ ସାହୁ କହିଲେ, କିଛି ମୁଷ୍ଟିମେୟ ବିଧାୟକଙ୍କ ଦ୍ୱାରା ରାଜ୍ୟ ସଭାକୁ ନିର୍ବାଚିତ ହୋଇ ସେମାନେ ନିଜକୁ ରାଜତନ୍ତ୍ରରେ ରହିଥିବା ଭାବି ଅହଙ୍କାର ପ୍ରଦର୍ଶନ କରୁଛନ୍ତି। ପ୍ରଜାତନ୍ତ୍ରରେ ଅହଙ୍କାରର ସ୍ଥାନ ନାହିଁ। ୨୦୧୭ରେ ଆକାଂକ୍ଷା ଜିଲାରେ ମେଡିକାଲ କଲେଜ ହେବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ଆକାଂକ୍ଷା ଜିଲା ମାନ୍ୟତାକୁ ୬ବର୍ଷ ବିତିଥିଲେ ମଧ ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲାନାହିଁ। କେନ୍ଦ୍ର ସରକାର ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ବନ୍ଦ କରିଦେଲେ। ସିଏସ୍‌ଆର ଫଣ୍ଡକୁ ପିଏମ୍ କେୟାର ଫଣ୍ଡ ଭାବେ ବ୍ୟବହାର କରାଯାଉଛି ବୋଲି ଏମ୍‌ପି ସାହୁ କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବିଧାୟକ ସୁଧୀର କୁମାର ସାମଲ କହିଲେ, ରାଜ୍ୟ କେନ୍ଦ୍ରକୁ ବାର୍ଷିକ ୨ଲକ୍ଷ କୋଟି ଟଙ୍କା ଟିକସ ଦେଉଛି। କିନ୍ତୁ କେନ୍ଦ୍ର ଆମର ୫ କେଜି ଲେଖାଏ ଚାଉଳ କାଟି ଦେଇଛି। ଏହି କଥାକୁ ଲୋକଙ୍କୁ ଜଣାଇବୁ ବୋଲି ବିଧାୟକ କହିଥିଲେ।

ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ବରିଷ୍ଠ ନେତା ଲକ୍ଷ୍ମୀଧର ସାହୁ, ଇନ୍ଦ୍ରମଣି ବେହେରା, ହର୍ଷବର୍ଦ୍ଧନ ସିଂଦେଓ, ଦେବୀ ପ୍ରସାଦ ଭୂତିଆ, ପ୍ରକାଶ ଚନ୍ଦ୍ର କୁଅଁର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଦେବାଶିଷ ମିଶ୍ର, ନରୋତ୍ତମ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସାନପୁଅଙ୍କୁ ସଙ୍ଗଠନ ଦାୟିତ୍ୱ ଦେଲେ ବିଧାୟକ

**ବିଜେଡି ପ୍ରତିଷ୍ଠା ଦିବସ ପାଳନ ବେଳେ କଲେ ଘୋଷଣା**

**ଢେଙ୍କାନାଳ ଅଫିସ, ୧୦।୧**



ନୃସିଂହ ଚରଣ।



ଅସିତ୍।

ଢେଙ୍କାନାଳ ଜିଲା ପରଜଙ୍ଗ ରାଜନୀତିରେ ନୂଆ ସମୀକରଣ ଦେଖିବାକୁ ମିଳିବ ବୋଲି ଦୀର୍ଘଦିନ ହେଲା ଯେଉଁ ଚର୍ଚ୍ଚା ଚାଲିଥିଲା, ସେଥିରେ ନିଜେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ବିଧାୟକ ଡା. ନୃସିଂହ ଚରଣ ସାହୁ। ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ରହି ଆସିଥିବା ପୁରୁଖା ବିଜେଡି ନେତା ନୃସିଂହଚରଣ ସାନପୁଅ ଅସିତ୍ କୁମାର ରାୟଚୌଧୁରୀଙ୍କୁ ସଙ୍ଗଠନ ଦାୟିତ୍ୱ ଦେଇଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଧାୟକଙ୍କ ଏଭଳି ନିଷ୍ପତ୍ତି ରାଜ୍ୟ ରାଜନୀତିରେ ଅସିତ୍‌ଙ୍କ ପ୍ରବେଶକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଆଗାମୀ ନିର୍ବାଚନରେ ଯୁବନେତୃତ୍ୱକୁ ବିଜେଡି ଗୁରୁତ୍ୱ ଦେବ ବୋଲି ଘୋଷଣା କରିସାରିଥିବାବେଳେ ସାନପୁଅଙ୍କୁ ସଙ୍ଗଠନର ଦାୟିତ୍ୱ ଅର୍ପଣ କରିବା ରାଜନୈତିକ ରଣନୀତି ବୋଲି ଆଲୋଚନା ହେଉଛି।

ପରଜଙ୍ଗ ମିନି ଷ୍ଟାଡିୟମ୍‌ରେ ମଙ୍ଗଳବାର ନିର୍ବାଚନମଣ୍ଡଳୀସ୍ତରୀୟ ବିଜେଡିର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ଦାୟିତ୍ୱରେ ଥିବା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଜିଲା ପରିଷଦ ଉପସଭାନେତ୍ରୀ ବିଳାସିନୀ ସେଠୀ, ଜିଲା ସାଧାରଣ ସମ୍ପାଦକ ଭୂପେଶ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଜିଲା ପରିଷଦ ସଦସ୍ୟ ରୁନୁ ବର୍ମା, ନିରାକାର ପ୍ରଧାନ, ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ଶ୍ରମିକ ନେତା ଦିଲୀପ ବର୍ମା, ଛାତ୍ର ବିଜେଡି ସଭାପତି ପ୍ରିୟଜିତ୍ ସାମଲଙ୍କ ସମେତ ୩,୦୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

ନିଜ ପ୍ରତିକ୍ରିୟାରେ ବିଧାୟକ କହିଛନ୍ତି, ଅସିତ୍‌ଙ୍କୁ ଯେବେ ଯେଉଁ ଦାୟିତ୍ୱ ଦିଆଯାଇଛି, ସେ ତାହାକୁ ସୁଚାରୁରୂପେ ତୁଲାଇଛନ୍ତି। ଦଳର ୨୬ତମ ପ୍ରତିଷ୍ଠା ଦିବସ ପକ୍ଷ ପାଳନ ଦାୟିତ୍ୱ ମଧ ସେ ନେଇଛନ୍ତି। ଯେହେତୁ କର୍ମୀମାନେ ତାଙ୍କୁ ସମର୍ଥନ କରୁଛନ୍ତି, ତେଣୁ ତାଙ୍କୁ ବିଧିବଦ୍ଧ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିରେ କର୍ମୀମାନେ ସହଯୋଗ କରିବାକୁ ବିଧାୟକ ନିବେଦନ କରିଛନ୍ତି।

# ଗୋଦରବିଲିରେ ହେବ ଶିଶୁ ଚିକିତ୍ସାଳୟ



ସୁଇଜରଲାଣ୍ଡରୁ ଆସିଥିବା ଦୁଇ ଶିଶୁ ବିଶେଷଜ୍ଞଙ୍କ ସହିତ ଜିଲାପାଳ ଓ ଅନ୍ୟମାନେ।

**ଢେଙ୍କାନାଳରେ ସୁଇଜରଲାଣ୍ଡ ଶିଶୁ ବିଶେଷଜ୍ଞ**

**ଢେଙ୍କାନାଳ ଅଫିସ, ୧୦।୧**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଗୋଦରିବିଲିରେ ହେବ ଶିଶୁ ଚିକିତ୍ସାଳୟ। ଏ ସଂକ୍ରାନ୍ତରେ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଭେଟି ଆଲୋଚନା କରିଛନ୍ତି ସୁଇଜରଲାଣ୍ଡର ଦୁଇ ଶିଶୁ ବିଶେଷଜ୍ଞ ଡା. କନ୍‌ରାଡ ମୁଲର ଏବଂ ଡା. ବେଟ୍ରିକ ମୁଲର। ଗୋଦରିବିଲିଠାରେ ଶିଶୁ ଚିକିତ୍ସାଳୟ ପାଇଁ ପ୍ରଶାସନ ପକ୍ଷରୁ ଜାଗା ପ୍ରଦାନ କରାଯାଇଛି। ସେଠାରେ ହାତଗୋଡ଼ ବଙ୍କା ଥିବା ଶିଶୁଙ୍କ ବିନା ଅସ୍ତ୍ରୋପଚାରରେ ଚିକିତ୍ସା କରାଯିବ। ଭିଡିଓ କନଫରେନ୍ସ ମାଧ୍ୟମରେ ଶିଶୁ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଦିଆଯିବ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ ଦାସ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ବିଶେଷଜ୍ଞମାନେ କାମାକ୍ଷାନଗର ଉପଖଣ୍ଡର ‘ଦି ମେଡିକ୍ସ’ ପକ୍ଷରୁ ୧୭ମାସ ତଳେ ଆରମ୍ଭ ହୋଇଥିବା ଚାଇଲ୍ଡ ହେଲଥ କେୟାର ହାଇଡ୍ କ୍ଲିନିକ ପରିଦର୍ଶନ କରିଥିଲେ। ଅଞ୍ଚଳର ଗରିବ ଶ୍ରେଣୀର ୨୦ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। କ୍ଲିନିକର ମେଡିକାଲ ଅଫିସର ଦିଲୀପ ସାମଲ ଦୁଇ ବିଶେଷଜ୍ଞ ଓ ରୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିଥିଲେ। ଆସନ୍ତା ୧୨ ତାରିଖରେ ୨ ବିଶେଷଜ୍ଞ ପୁଣି ଉକ୍ତ କ୍ଲିନିକ୍ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି।

# ୟୁନିୟନ ସ୍ପୋର୍ଟିଂ ଫାଇନାଲରେ

**ଢେଙ୍କାନାଳ ଅଫିସ,୧୦।୧**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବେଡ଼ାପଡ଼ା ଗ୍ରାମରେ ଚାଲିଥିବା ରାଜ୍ୟସ୍ତରୀୟ ୧୨ତମ ସୁବାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ଭୁବନେଶ୍ୱର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବକୁ ୮ ଉଇକେଟରେ ହରାଇ କଟକ ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ୨୫ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ମୁକ୍ତେଶ୍ୱର ପ୍ରଥମେ ବ୍ୟାଟିଂ କରି ୨୩.୪ ଓଭରରେ ୧୪୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ମାତ୍ର ୧୩.୨ ଓଭରରେ ୩ ଉଇକେଟ ହରାଇ ୧୫୧ ରନ କରି ବିଜୟୀ ହୋଇଥିଲା। ୩୨ ବଲ୍‌ରୁ ୫୫ ରନ କରିଥିବା ବିଜୟୀ ଦଳର ଜ୍ୟୋତିରଞ୍ଜନ ଦଳେଇ ‘ମ୍ୟାନ୍ ଅଫ୍ ଦି ମ୍ୟାଚ୍’ ବିବେଚିତ ହୋଇଥିଲେ। ଭେଙ୍କଟେଶ ବନ୍ଦୀ ୨୯ ବଲ୍‌ରୁ ୫୦ ରନ୍ କରି ଅନ୍ୟତମ ସଫଳ ବ୍ୟାଟର ସାବ୍ୟସ୍ତ ହୋଇଥିଲେ। ପ୍ରଶାନ୍ତ ଦାସ, ସଞ୍ଜୟ ସାମଲ ଅମ୍ପାୟରିଂ କରିଥିବା ବେଳେ ନିଶିକାନ୍ତ ବେହେରା, ଦିବ୍ୟକାନ୍ତ ଗଡ଼ନାୟକ, ଶୁଭମ୍ ସାମଲ ସ୍କୋରର ରହିଥିଲେ। ସନ୍ଦୀପ ପଣ୍ଡା, ମନୋଜ ଗଡ଼ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅସରଡ଼ା ସରପଞ୍ଚ ପବିତ୍ର କୁମାର ସାହୁ, ସମ୍ମାନିତ ଅତିଥି କୁରୁଣିଆ ସରପଞ୍ଚ ଅରୁଣ କୁମାର ବିଶ୍ୱାଳ, ସାମାଜିକ କର୍ମୀ ତପନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ସାଇ ଏକାଦଶ ଭୁବନେଶ୍ୱର ଓ ୟୁଥ୍ ସ୍ପୋର୍ଟିଂ ତାଳଚେର ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ମା’ ଅନ୍ଧାରୀ କ୍ରିକେଟ କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ଶହୀଦମାନେ ଚିର ନମସ୍ୟ

**ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ବରିଷ୍ଠ ଅଧିକାରୀ**



ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ବରିଷ୍ଠ ସାମରିକ ଅଧିକାରୀ ଓ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୦।୧**

ଢେଙ୍କାନାଳ ଗସ୍ତରେ ଆସିଥିବା ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ୩୪ତମ କୋର୍ସର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀମାନେ ମଙ୍ଗଳବାର ପୂର୍ବାହ୍ନରେ ବସ୍‌ଷ୍ଟାଣ୍ଡସ୍ଥିତ ଶହୀଦ ସ୍ତମ୍ଭଠାରେ ଦେଶ ପାଇଁ ବଳିଦାନ ଦେଇଥିବା ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଶହୀଦଙ୍କ ବୀରତ୍ୱର ଗାଥା ଶୁଣିବା ପରେ ଅଧିକାରୀମାନେ ଭାବବିହ୍ୱଳ ହୋଇପଡ଼ିଥିଲେ। ଢେଙ୍କାନାଳ ମାଟିର ଶହୀଦ ଯବାନଙ୍କ ବୀରତ୍ୱର କାହାଣୀ ଯୁଗ ଯୁଗ ଧରି ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟୀ ହେବ। ସେମାନେ ଆମ ସମସ୍ତଙ୍କ ପାଇଁ ଚିର ନମସ୍ୟ ବୋଲି ଅଧିକାରୀମାନେ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାଂଶ ଅଧିକାରୀ ୧୯୭୧ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରିଗେଡିୟର କାମାକ୍ଷା ପ୍ରସାଦ ସିଂଦେଓ, ରାଣୀ ସାବିତ୍ରୀ ଦେବୀ, ଜିଲାପାଳ ସରୋଜ କୁମାର ସେଠୀ, ଇଣ୍ଡିଆନ ଆର୍ମିର ପୂର୍ବତନ ମେଜର ଜେନେରାଲ ରମେଶ ଖଜଡ଼୍, ପୂର୍ବତନ ୱିଙ୍ଗ୍ କମାଣ୍ଡର ବି.ଏସ୍. ସିଂଦେଓ, ପୂର୍ବତନ ଏୟାର ମାର୍ଶାଲ ଯଶୋବନ୍ତ ରାଣେ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମହିଷାପାଟସ୍ଥିତ ୧୨ ଓଡ଼ିଶା ଏନ୍‌ସିସି ବାଟାଲିୟନର କଲୋନେଲ ସିଦ୍ଧାର୍ଥ ବସ୍ତାୟାନ, ସହକର୍ମୀ ଏବଂ ଏନ୍‌ସିସି କ୍ୟାଡେଟ୍‌ମାନେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଦେଖିବା ପାଇଁ ବ୍ୟାପକ ଜନସମାଗମ ହୋଇଥିଲା।

# ୯୮୭ କୁଇଣ୍ଟାଲ ଧାନ ସଂଗ୍ରହ

**ରାସୋଳ, ୧୦।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ସେବା ସମବାୟ ସମିତି ପକ୍ଷରୁ ମଙ୍ଗଳବାର ଆରମ୍ଭ ହୋଇଛି ଧାନମଣ୍ଡି। ପୂର୍ବତନ ବିଧାୟକ ମହେଶ୍ୱର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ୨୯ ଚାଷୀଙ୍କ ଠାରୁ ୯୮୭ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇ କମଲେଶ ରାଇସ୍ ମିଲ୍‌କୁ ପଠାଯାଇଛି। ସମ୍ପାଦକ ପ୍ରଣୟ ସାହୁ, ଚାଷୀ ବିଜୟ ନାଥ, ବଳରାମ ସର, ବିନୟ ପତି ପ୍ରମୁଖ ସହଯୋଗ କରିଥିଲେ।

# ଅଲେଖ ମହିମା ଦଳ ବିଜୟୀ

**ଢେଙ୍କାନାଳ ଅଫିସ,୧୦।୧**

ଢେଙ୍କାନାଳ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲାସ୍ତରୀୟ ଇଣ୍ଟ୍ରାକ୍ଲବ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ୍‌ରେ ଶ୍ରୀଜଗନ୍ନାଥ ଦଳକୁ ୮ ଉଇକେଟରେ ପରାସ୍ତ କରିଛି ଅଲେଖ ମହିମା ଦଳ। ଜଗନ୍ନାଥ ଦଳର ୧୨୮ ରନ୍ ଲକ୍ଷ୍ୟକୁ ଅଲେଖ ମହିମା ଦଳ ମାତ୍ର ୨ ଉଇକେଟ ହରାଇ ହାସଲ କରିନେଇଥିଲା। ପ୍ରତୀକ କୁମାର ସାହୁ ‘ମ୍ୟାନ ଅଫ୍ ଦି ମ୍ୟାଚ’ ବିବେଚିତ ହୋଇଥିଲେ। ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସନ୍ତୋଷ ରାଉତ ଖେଳ ପରିଚାଳନା କରିଥିବାବେଳେ ଜିତେନ୍ଦ୍ର ରାଉତ ସ୍କୋରର ରହିଥିଲେ। ପୂର୍ବତନ ଖେଳାଳି ତାପସ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବଶଙ୍କର ଦେହୁରୀ, ଅଭିଜିତ୍ ମିଶ୍ର ଖେଳ ପରିଚାଳନା କରିଥିଲେ । ବୁଧବାର ବଳରାମ ଦଳ ଓ ଚନ୍ଦ୍ରଶେଖର ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ଜଣାଇଛନ୍ତି।

# ଜିଏମ୍‌ଆରକୁ ସାମାଜିକ ଦାୟିତ୍ୱବୋଧ ଉତ୍କର୍ଷ ପୁରସ୍କାର





କମ୍ପାନୀ ଅଧିକାରୀମାନେ ପୁରସ୍କାର ଗ୍ରହଣ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୦।୧**

ଢେଙ୍କାନାଳ ଜିଲା କମଳାଙ୍ଗସ୍ଥିତ ଜିଏମ୍‌ଆର କମଳାଙ୍ଗ ଏନର୍ଜି ଲିମିଟେଡ୍ (ଜିକେଇଏଲ୍)କୁ ସାମାଜିକ ଦାୟିତ୍ୱବୋଧ ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସିଏସ୍‌ଆର ଫୋରମ୍ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କମ୍ପାନୀର ପ୍ଲାଣ୍ଟ ହେଡ୍ ମନୋଜ ମିଶ୍ର, ସାମାଜିକ ଦାୟିତ୍ୱବୋଧ ସଂସ୍ଥା ଭରଲକ୍ଷ୍ମୀ ଫାଉଣ୍ଡେଶନ ମୁଖ୍ୟ ଦିଲୀପ କର ଏହି ପୁରସ୍କାର ଗ୍ରହଣ କରିଥିଲେ। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବିଧାୟକ ପ୍ରଶାନ୍ତ ମୁଦୁଲି ଉପସ୍ଥିତ ଥିଲେ। କମଳାଙ୍ଗ, ମଙ୍ଗଳପୁର ପଞ୍ଚାୟତର ବିକାଶ ପାଇଁ ଦୀର୍ଘ ୧୨ବର୍ଷ ହେଲା ନିରନ୍ତର ପ୍ରୟାସ ଜାରି ରଖିଥିବାରୁ ଜିଏମ୍‌ଆରକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିଲାଗି ଜିକେଇଏଲ୍ ସିଓଓ ଧନଞ୍ଜୟ ଦେଶପାଣ୍ଡେ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନିର୍ଭୀକ ସାହିତ୍ୟିକ ଥିଲେ ମନୋରଞ୍ଜନ

**ଢେଙ୍କାନାଳ ଅଫିସ,୧୦।୧**

ଢେଙ୍କାନାଳର ବିଶିଷ୍ଟ ସାହିତ୍ୟିକ, ସଙ୍ଗଠକ ତଥା କବି ମନୋରଞ୍ଜନ ନନ୍ଦଙ୍କ ପରଲୋକରେ ଜିଲା ସାମ୍ବାଦିକ ଭବନରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। କବି ମନୋରଞ୍ଜନ ଜଣେ ନିର୍ଭୀକ ସାହିତ୍ୟିକ, ସଙ୍ଗଠନ ଓ ସାମ୍ବାଦିକ ଥିଲେ। ତାଙ୍କ ଦେହାନ୍ତ ସମସ୍ତଙ୍କୁ ମର୍ମାହତ କରିଛି ବୋଲି ମତପ୍ରକାଶ ପାଇଥିଲା। ପ୍ରଦ୍ୟୁମ୍ନ ରଥ, ଶିଶିର ଶତପଥୀ, ସତ୍ୟସ୍ୱରୂପ ଦାସ, ବିନୋଦ ମହାନ୍ତି, ଗଙ୍ଗାଧର ରାଉତ, ସରୋଜ ଶତପଥୀ, ଅଭୟ ସାହୁ, ଅରବିନ୍ଦ ସାହୁ, ଆଦିତ୍ୟ ପଣ୍ଡା, ସ୍ୱର୍ଣ୍ଣପ୍ରଭା ସେଠୀ, ନାରାୟଣ ପଟ୍ଟନାୟକ, ସର୍ବେଶ୍ୱର ବ୍ରହ୍ମ, ତାପସ ମହାନ୍ତି, ସୁଶାନ୍ତ ନନ୍ଦ, ଶୁଭମ ପାଣି, ମନୋଜ ମହାନ୍ତି ପ୍ରମୁଖ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।





ଶୋକସଭାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ।

# ପରଜଙ୍ଗ ଚାମ୍ପିୟନ



ଚାମ୍ପିୟନ୍ ପରଜଙ୍ଗ ଦଳ।

**ପରଜଙ୍ଗ, ୧୦।୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ପଞ୍ଚାୟତ ଖେଳପଡ଼ିଆରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କୁକୁଡୁଲାକୁ ହରାଇ ପରଜଙ୍ଗ ଚାମ୍ପିୟନ ହୋଇଛି। ପରଜଙ୍ଗର ୧୦୭ ରନ୍ ଜବାବରେ କୁକୁଡୁଲା ୯୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଜେଡି ନେତା ଅସିତ୍ ରାୟଚୌଧୁରୀ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। କଟୁରିଆ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା।

